# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**6 August - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ୭ଟି ଜିଲ୍ଲା ମାଓବାଦୀ ପ୍ରଭାବିତ ଥିବା ଲୋକସଭାରେ ସୂଚନା ଦେଲେ କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ
- ରାଜ୍ୟର ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତାରେ ପରିଣତ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି
- ପ୍ୟାରିସ୍ ଅଲିମ୍ପିକ୍ସରେ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କଲେ ନୀରଜ ଚୋପ୍ରା

— ପୁରୁଷ ହକିରେ ଆଜି ଭାରତ ଓ ଜର୍ମାନୀ ମଧ୍ୟରେ ହେବ ସେମି ଫାଇନାଲ୍ ମ୍ୟାଚ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ବନକ ଲାଗି ନୀତି ପାଇଁ ସନ୍ଧ୍ୟା ୫ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ମାଓ ପ୍ରଭାବିତ ରାଜ୍ୟ

ଓଡ଼ିଶାର ୭ଟି ଜିଲ୍ଲା-କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଓ ରାୟଗଡ଼ା ମାଓବାଦୀ ପ୍ରଭାବିତ ବୋଲି ଆଜି ଲୋକସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାମପନ୍ଥୀ ଉଗ୍ରବାଦ ସମସ୍ୟାର ସାମଗ୍ରୀକ ସମାଧାନ ପାଇଁ କେନ୍ଦ୍ର ସରକାର ୨୦୧୫ ମସିହାରେ ଜାତୀୟ ନୀତି ଓ କାର୍ଯ୍ୟ ଯୋଜନାକୁ ଅନୁମୋଦନ କରିଥିଲେ। ଏହି ନୀତିର ଦୃଢ଼ ରୂପାୟନ ଫଳରେ କ୍ରମାଗତ ଭାବେ ମାଓବାଦୀ ହିଂସା ହ୍ରାସ ପାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆୟୁଷ ମିଶନ

ରାଜ୍ୟସଭାରେ ଆଜି ଓଡ଼ିଶାରେ ଆୟୁଷ୍ ହସ୍‌ପିଟାଲ ପ୍ରତିଷ୍ଠା ସମ୍ବନ୍ଧିତ ପ୍ରଶ୍ନର ଉତ୍ତରରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ପ୍ରସ୍ତାବ ଅନୁଯାୟୀ ଆୟୁଷ୍ ମିଶନ ଅଧିନରେ ଢେଙ୍କାନାଳ, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ୫୦ ଶଯ୍ୟାବିଶିଷ୍ଟ ସମନ୍ୱିତ ଆୟୁଷ୍ ହସ୍‌ପିଟାଲ୍‌ର ୩ଟି ଶାଖା ଖୋଲିବା ପାଇଁ ଅନୁମୋଦନ କରାଯାଇଛି। ରାଜ୍ୟରେ ୪୨୨ଟି ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ଥିବାବେଳେ ଢେଙ୍କାନାଳରେ ୮ କୋଟି ଟଙ୍କା ବ୍ୟୟରେ ସମନ୍ୱିତ ଆୟୁଷ ହସ୍‌ପିଟାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

## ରାଜ୍ୟସଭା ପ୍ରଶ୍ନୋତ୍ତର

ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ନିମୋବେନ୍ ଜୟନ୍ତୀଭାଇ ବମ୍ଭାନିଆ କହିଛନ୍ତି,

ଓଡ଼ିଶାର ଚାଷୀଙ୍କଠାରୁ ରାଜ୍ୟ ଯୋଗାଣ ନିଗମ ଦ୍ୱାରା କିଣା ଯାଇଥିବା ଧାନ ଉପରେ ମିଳିବାକୁ ଥିବା ରିହାତି ଅର୍ଥ ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ। ଏହାପୂର୍ବରୁ ଭାରତୀୟ ଖାଦ୍ୟ ନିଗମରେ ଗଚ୍ଛିତ ଖାଦ୍ୟଶସ୍ୟ, ଏହାର ଉପଯୋଗ ପ୍ରମାଣପତ୍ର ଏବଂ ଶସ୍ୟ ମୂଲ୍ୟକୁ ବିଚାରକୁ ନିଆଯାଇ ଅବଶିଷ୍ଟ ରିହାତି ଅର୍ଥ ପ୍ରଦାନ କରାଯିବ। ୨୦୨୪-୨୫ ଆର୍ଥିକବର୍ଷର ଜୁଲାଇ ୩୧ ତାରିଖ ସୁଦ୍ଧା ୨ ହଜାର ୧୨୦ କୋଟି ୨୫ ଲକ୍ଷ ଟଙ୍କା ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ୨୦୨୨-୨୩ ଆର୍ଥିକବର୍ଷରେ ଧାନ କ୍ରୟ ରିହାତି ବାବଦରେ ଓଡ଼ିଶାକୁ ୭ ହଜାର ୬୦୦ କୋଟି ୫ ଲକ୍ଷ ଏବଂ ୨୦୨୩-୨୪ ଆର୍ଥିକବର୍ଷରେ ୧୪ ହଜାର ୪୭୩ କୋଟି ୬୮ ଲକ୍ଷ ଟଙ୍କା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ସାଇବର ଅପରାଧ ୯୨ ଲକ୍ଷ ସିମ୍‌କାର୍ଡ ଅଚଳ

ସାଇବର ଅପରାଧ ମାମଲାରେ ସମଗ୍ର ଦେଶରେ ୧ କୋଟି ୯୨ ଲକ୍ଷ ସିମ୍‌କାର୍ଡକୁ ଅଚଳ କରାଯାଇଛି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି। ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଶୂନ୍ୟ ସହନଶୀଳତା ନୀତି ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସାଇବର ଅପରାଧ ନେଇ ହସ୍ତଗତ ହୋଇଥିବା ୭ ଲକ୍ଷ ୬୦ ହଜାର ଅଭିଯୋଗ ଆଧାରରେ ୨ ହଜାର ୪୦୦ କୋଟି ଟଙ୍କା ଉଦ୍ଧାର କରାଯାଇଛି ବୋଲି ସେ କହିଛନ୍ତି। ଏ ନେଇ ସରକାର ଏକ ଟୋଲ୍-ଫ୍ରି ନମ୍ବର ୧୯୩୦ ପ୍ରଚଳନ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

## ହସ୍ତତନ୍ତ ଦିବସ ପାଳନ

ଦେଶବ୍ୟାପୀ ଆସନ୍ତାକାଲି ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ଅବସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ କେନ୍ଦ୍ର ବୟନଶିଳ୍ପ

ମନ୍ତ୍ରୀ ଗିରିରାଜ ସିଂ ଯୋଗଦେବେ । ଏହି ଅବସରରେ ସନ୍ଥ କବୀର ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ସମ୍ମାନ ପ୍ରଦାନ କରାଯିବ। ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସ୍ୱଦେଶୀ ଆନ୍ଦୋଳନର ସ୍ମୃତିରେ ୨୦୧୫ ମସିହାରୁ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଆସୁଛି ।

## ବିଶ୍ୱସ୍ତରୀୟ ସଡକ ଯୋଜନା

ରାଜ୍ୟର ୭୫ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତାରେ ପରିଣତ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ବିସ୍ତୃତ ଆଲୋଚନା ହୋଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହି ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ବିସ୍ତୃତ ରୂପରେଖ ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଛି । ସେଥିମଧ୍ୟରୁ ଜାତୀୟ ରାଜପଥ ପ୍ରାଧିକରଣ ୧ ହଜାର କିଲୋମିଟର ରାସ୍ତାକୁ ବିଶ୍ୱସ୍ତରୀୟ ରାସ୍ତାରେ ରୂପାନ୍ତରିତ କରିବାକୁ ବୈଠକରେ ପ୍ରତିଶ୍ରୁତି ଦେଇଛି। ଏହି ନିଷ୍ପତ୍ତିର ସଫଳ କାର୍ଯ୍ୟାନ୍ୱୟନ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଗଠନ କରାଯିବ । ଉନ୍ନୟନ କମିଶନରଙ୍କ ସମେତ ୬ଟି ବିଭାଗର ସଚିବ ଏହି କମିଟିର ସଦସ୍ୟ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

## ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ଜାଭେଲିନ୍ ଥ୍ରୋରେ ଭାରତର ନୀରଜ ଚୋପ୍ରା ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେ ପ୍ରଥମ ପ୍ରୟାସରେ ୮୯

ଦଶମିକ ୩/୪ ମିଟର ଜାଭେଲିନ୍ ଫିଙ୍ଗି ଏହି ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିଲେ।

ଅପରପକ୍ଷରେ ଓଡ଼ିଶାର କିଶୋର ଜେନା ଫାଇନାଲ୍‌ରୁ ବାଦ୍ ପଡିଛନ୍ତି।

ସେହିଭଳି ମହିଳା କୁସ୍ତିର ୫୦ କେ.ଜି. ଫ୍ରିଷ୍ଟାଇଲ୍ ବର୍ଗରେ ଭାରତର ଭିନେଶ ଫୋଗଟ ସେମି ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ସେ ୟୁକ୍ରେନ୍‌ର ଓକ୍‌ସାନାକୁ ୭/୫ରେ ପରାସ୍ତ କରିଥିଲେ।

ସୂଚନା ଅନୁସାରେ, ଆଜି ରାତିରେ ଭାରତୀୟ ପୁରୁଷ ହକି ଦଳ ଓ ଜର୍ମାନୀ ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ।

## ବନକଲାଗି ନୀତି

ଶ୍ରାବଣ ଶୁକ୍ଳପକ୍ଷ ତୃତୀୟ ତିଥିରେ ଆସନ୍ତାକାଲି **ପୁରୀ** ଶ୍ରୀମନ୍ଦିରରେ ଠାକୁରଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକଲାଗି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି।

## ନୂଆଖାଇ ଲଗ୍ନ

ନବାନ୍ନ ଲାଗି ନିମନ୍ତେ ନୂଆଖାଇ ଲଗ୍ନ ସ୍ଥିର ହୋଇଛି। ଆସନ୍ତାମାସ ୮ ତାରିଖ ରବିବାର ଦିନ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ହେବ। ସକାଳ

୯ଟା ୩୫ମିନିଟ୍‌ରୁ ୧୦ଟା ୭ମିନିଟ୍ ମଧ୍ୟରେ ନବାନ୍ନ ଲାଗି ପାଇଁ ଶୁଭ ବେଳା ସ୍ଥିର ହୋଇଛି । ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ସମସ୍ତେ ନୂଆ ଖାଇବାର ପରମ୍ପରା ରହିଛ ।

## ଗ୍ୟାସ୍ ଲିକ୍

ଝାରସୁଗୁଡ଼ା ଜିଲ୍ଲା ବୁଢ଼ିପଦରସ୍ଥିତ ଓଡ଼ିଶା ମେଟାଲିକ୍ କମ୍ପାନୀରେ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ଅସୁସ୍ଥ ଅଛନ୍ତି । ଏକ ଘରୋଇ ନର୍ସିଂହୋମ୍‌ରେ ଅସୁସ୍ଥଙ୍କ ଚିକିତ୍ସା ଜାରି ରହିଛି ।

## ଝାଡ଼ାବାନ୍ତି

**କଳାହାଣ୍ଡି** ଜିଲ୍ଲା ଜୟପାଟଣା ବ୍ଲକ୍‌ର ଟିଙ୍ଗୋପଖାନ ଗାଁରେ  ଝାଡ଼ାବାନ୍ତି ବ୍ୟାପିଛି । ଗ୍ରାମର ୨୭ ଜଣ ଆକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସୂଚନା ପାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଦଳ ଗାଁକୁ ଯାଇ ଲୋକଙ୍କ ଚିକିତ୍ସା କରୁଛନ୍ତି । ଗାଁରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି । ସେହିଭଳି ଦୂଷିତ ଜଳ ବ୍ୟବହାର ପାଇଁ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହରେ ଆଜି ଗାଁର ଅନେକ ଜଳସ୍ରୋତର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି ।

## ଖାଦ୍ୟ ସୁରକ୍ଷା ତାଲିମ୍ ଶିବିର

ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାଷ କାର୍ଯ୍ୟରେ ବ୍ୟବହୃତ ଉତ୍ତମ କାର୍ଯ୍ୟଶୈଳୀ ଏବଂ ଖାଦ୍ୟ ସୁରକ୍ଷା ସମ୍ପର୍କରେ ଏକ ତାଲିମ୍ ଶିବିର ଏନ୍.ଆଇ.ପି.ଏଚ୍.ଏମ୍. ହାଇଦ୍ରାବାଦ ଏବଂ ଏ.ପି.ଇ.ଡି.ଏ.  କଲିକତା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇଥିବା ଚାଷୀମାନଙ୍କୁ  ଫସଲ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ଅନ୍ୟପକ୍ଷରେ, ଫସଲ ରପ୍ତାନୀ ପାଇଁ ବ୍ୟବହୃତ ନିୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନୟାଗଡ଼ ଜିଲାରେ ଚାଷ ହେଉଥିବା କଣ୍ଟେଇମୁଣ୍ଡି ବାଇଗଣ, ମୁଗ, ଗୁଡ଼ ଏବଂ କାଜୁ ଇତ୍ୟାଦିର ରପ୍ତାନି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅନୀଲ କୁମାର ସ୍ୱାଇଁ ସୂଚନା ଦେଇଥିଲେ ।

## ଛାତ୍ରବୃତ୍ତି

କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ବିଡି ଓ ଖଣି ଶ୍ରମିକଙ୍କ ପିଲାମାନଙ୍କ ପାଇଁ ବାର୍ଷିକ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ଠାରୁ ଏଥିପାଇଁ ଆସନ୍ତା ୩୧ ତାରିଖ ସୁଦ୍ଧା ଆବେଦନ ଆହ୍ୱାନ କରାଯାଇଛି । ସେହିଭଳି ଏକାଦଶରୁ ଊର୍ଦ୍ଧ୍ୱ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ୩୧ ଅକ୍ଟୋବର ସୁଦ୍ଧା ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ୍‌ରେ ଆବେଦନ କରିପାରିବେ । ସୂଚନା ଅନୁସାରେ, ମାସିକ ୧୦ ହଜାର ଟଙ୍କାରୁ କମ୍ ଆୟ କରୁଥିବା ବିଡି, ଲୁହାପଥର, ମାଙ୍ଗାନିଜ୍, କ୍ରୋମ୍ ଖଣି, ଚୂନପଥର ଆଦି ଖଣିର ଶ୍ରମିକଙ୍କ ପିଲାମାନେ ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ ।

## ଲଗାଣ ବର୍ଷା

ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟିର ମାଙ୍କଡଝୋଲାଠାରେ ଆଜି ପୁଣି ମାଟି ଅତଡା ଧସିଛି । ପାହାଡ଼ରୁ ମାଟି ଧୋଇ ହୋଇ ରାସ୍ତାରେ ପଡିବା ଯୋଗୁଁ ମୁଦୁଲିପଡା ଓ ଅଣ୍ଡ୍ରାହଲ ପଂଚାୟତ ସହ ଲୋକଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି ।

## ପାଣିପାଗ

ମୌସୁମୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୨ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେଥିମଧ୍ୟରୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଟକ, ନୟାଗଡ଼, ବୌଦ୍ଧ, ଅନୁଗୁଳ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

**********************************